୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Voö.26 . No.282 Bhubaneswar Wednesday December 25 2024 | ୨୬ତମ ବର୍ଷ ସଂଖ୍ୟା–୨୮୨ ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୫, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS


## ୩୫୦ ଫୁଟ ତଳକୁ ଖସିଲା ସେନା ଗାଡ଼ି, ୫ ଯବାନ ମୃତ

ଭୁବନେଶ୍ୱର,୨୪।୧୨(ପି.ଏନ): ଜମ୍ମୁ-କଶ୍ମୀରର ପୁଞ୍ଚ ଜିଲ୍ଲା ଅନ୍ତର୍ଗତ ମେଣ୍ଢାର ସ୍ଥିତ ବାଲନୋଇରେ ଭୟଙ୍କର ସଡକ ଦୁର୍ଘଟଣା ଘଟିଛି। ସୁରକ୍ଷାକର୍ମୀଙ୍କୁ ନେଇ ଯାଉଥିବା ଗୋଟିଏ ସେନା ଗାଡି ଆଜି ଭାରସାମ୍ୟ ହରାଇ ରାସ୍ତାରୁ ସିଧବା ୩୫୦ ଫୁଟ ଖାଇକୁ ଖସି ପଡିଛି।ଏଥିରେ ବର୍ତ୍ତମାନ ସୁଦ୍ଧା ୫ ଜଣ ଯବାନଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ଆହତ ଯବାନମାନଙ୍କୁ ଉଦ୍ଧାର କରାଯାଇ ଏବେ ହସ୍ପିଟାଲରେ ଭର୍ତ୍ତି କରାଯାଉଛି।



## ନୂଆବର୍ଷରେ ନୂଆ ପିସିସି ସଭାପତି ! ଲବି କାମ ଦେବନି କହିଲେ ମୋକିମ

ଭୁବନେଶ୍ୱର,୨୪।୧୨(ପି.ଏନ):ବିନା ମୁଖିଆରେ ୫ ମାସ ବିତିଲାଣି, ଏବେ ନୂଆ ବର୍ଷକୁ ଅପେକ୍ଷା। ବର୍ଷ ୨୦୨୫ ଆରମ୍ଭରେ ରାଜ୍ୟ କଂଗ୍ରେସକୁ ନୂଆ ମଙ୍ଗୁଆଳ ମିଳିଯିବ ବୋଲି ଆଜି ବରିଷ୍ଠ ନେତା ମହମ୍ମଦ ମୋକିମ୍ ଦମ୍ଭୋକ୍ତି ବାଢ଼ିଥିବାବେଳେ ସାଂସଦ ସପ୍ତଗିରି ଉଲାକା ବି ଖୁବଶୀଘ୍ର ଜଣେ ଦକ୍ଷ ଲୋକଙ୍କୁ ଏ ପଦରେ ଏଆଇସିସି ବସାଇବ ବୋଲି ସଙ୍କେତ ଦେଲେଣି। ତେବେ ବରିଷ୍ଠ ନା ଯୁବ ଚେହେରା, କିଏ ପିନ୍ଧିବେ ରାଜ୍ୟ କଂଗ୍ରେସର ମୁଖିଆ ପଗଡି ଏ ପଦକୁ ନେଇ ଯେଉଁ ସବୁ ନେତାଙ୍କ ନାଁ ଚର୍ଚ୍ଚାରେ ସମସ୍ତେ କିନ୍ତୁ ନିଷ୍ପତ୍ତି ଦିଲ୍ଲୀ ହାଇକମାଣ୍ଡଙ୍କ ଉପରକୁ ଛାଡିଛନ୍ତି।ନୂଆବର୍ଷରେ ନୂଆ ପିସିସି ସଭାପତି। ବର୍ଷ ଆରମ୍ଭରୁ ନୂଆ ମଙ୍ଗୁଆଳଙ୍କୁ ଧରି ମଇଦାନକୁ ଓହ୍ଲାଇବ ଓଡିଶା କଂଗ୍ରେସ। ହେଲେ ଲବି ନୁହେଁ–ବରଂ କୋରାପୁଟରୁ ପୁରୀ ଯାଏଁ ଯେଉଁ ନେତାଙ୍କୁ ଲୋକ ଭଲ ପାଉଥିବେ, ତାଙ୍କୁ ହିଁ ଏଆଇସିସି ମୁଖିଆ ଦାୟିତ୍ୱ ଦେବ ବୋଲି ଦୃଢତାର ସହ କହିଛନ୍ତି ଦଳର ବରିଷ୍ଠ ନେତା ମହମ୍ମଦ ମୋକିମ୍। ସେହିଭଳି ସଭାପତି ପଦ ପାଇବାକୁ କିଛି ନେତା ଦିଲ୍ଲୀରେ ଲବି କରୁଛନ୍ତି ବୋଲି ପୂର୍ବରୁ ବିଧାୟକ ତାରା ବାହିନୀପତିଙ୍କ ମନ୍ତବ୍ୟକୁ ବି କଟାକ୍ଷ କରିଛନ୍ତି ମୋକିମ୍। ମୋକିମ୍ କହିଛନ୍ତି ଯେ ତାରା ବାବୁ ହିଁ ବେଶି ଦିଲ୍ଲୀ ଯାଆନ୍ତି, ସେ ଜାଣିଥିବେ କାହାର କାଟତି କାମ କରେ।




## ‘ପାପ’ ଧୋଇବା ଷ୍ଟ୍ରାଟେଜୀ ମାରିଲା ଫେଲ୍: ନିର୍ବାଚନ ଆୟୋଗଙ୍କ ୱେବସାଇଟରେ ରହିଛି ଜବାବ, ତଥାପି ପ୍ରଶ୍ନ କରିଛି ବିଜେଡି

ଭୁବନେଶ୍ୱର,୨୪।୧୨(ପି.ଏନ): ବିଜେଡିର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ‘ପାପ’ ଧୋଇବା ଷ୍ଟ୍ରାଟେଜୀ ମାରିଲା ଫେଲ୍। ସାଧାରଣ ନିର୍ବାଚନ ଫଳାଫଳ ଘୋଷଣାର ପ୍ରାୟ ୬ମାସ ପରେ ବିଜେଡି ଯେଉଁ ୩ଟି ପ୍ରସଙ୍ଗରେ ଗତକାଲି ନିର୍ବାଚନ ଆୟୋଗଙ୍କୁ ଭେଟି ସ୍ପଷ୍ଟୀକରଣ ମାଗିଥିଲା, ସେହି ସମାନ ପ୍ରଶ୍ନକୁ ଆୟୋଗ ତାଙ୍କଆଡୁ ‘ବାରମ୍ବାର ପଚାରାଯାଉଥିବା ପ୍ରଶ୍ନ(ଏଫଏକ୍ୟୁ)’ ବର୍ଗରେ ସ୍ଥାନିତ କରି ତା’ର ଉତ୍ତର ଦେଇସାରିଛନ୍ତି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳକୁ ନେଇ କଂଗ୍ରେସର ଅଭିଯୋଗ ପରେ ନିର୍ବାଚନ ଆୟୋଗ ଏଭଳି ମୋଟ ୪୪ଟି ପ୍ରଶ୍ନକୁ ‘ବାରମ୍ବାର ପଚାରାଯାଉଥିବା ପ୍ରଶ୍ନ’



ବର୍ଗରେ ସ୍ଥାନିତ କରି ତା’ର ଉତ୍ତର ଦେଇଛନ୍ତି। ଆଉ ସେପ୍ଟେମ୍ବର ୬, ନଭେମ୍ବର ୩୦ ଓ ଡିସେମ୍ବର ୨୪ତାରିଖରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା କଂଗ୍ରେସକୁ ଲିଖିତ ଭାବେ ମଧ୍ୟ ଜଣାଇ ଦିଆଯାଇଛି। ତେବେ କଂଗ୍ରେସ ରାସ୍ତାରେ ଯାଇ ବିଜେଡି ନିଜର ପରାଜୟର ଦୋଷ ନିର୍ବାଚନ କମିଶନଙ୍କ ଉପରେ ଲଦିବା ଓ ପାଣ୍ଡିଆନଙ୍କ ତ୍ରୁଟିକୁ ଘୋଡାଇବାକୁ ପାଣ୍ଡିଆନମାର୍କା ନେତାମାନେ ଯେଉଁ ରଣନୀତି କରିଥିଲେ ତାହା ଫେଲ୍ ମାରିଛି ଓ ସେମାନଙ୍କ ଅସଲ ଚେହେରା ମଧ୍ୟ ପଦାରେ ପଡିଥିବା ଚର୍ଚ୍ଚା ହେଉଛି।

## ଧାନର ମାନ ଖରାପ ଥିଲେ ବି କିଣିବେ ସରକାର; ଫସଲ ନଷ୍ଟ ପାଇଁ ମିଳିବ କ୍ଷତିପୂରଣ

ଭୁବନେଶ୍ୱର,୨୪।୧୨(ପି.ଏନ): ଧାନର ମାନ ଖରାପ ଥିଲେ ବି କିଣିବେ ରାଜ୍ୟ ସରକାର। ବର୍ଷା ପାଇଁ କ୍ୱାଲିଟି ଟିକେ କମିଯାଇଥିବାରୁ ଚିନ୍ତାରେ ଅଛନ୍ତି ଚାଷୀ। ହେଲେ ସବୁ କୃଷକଙ୍କ ଧାନ କିଣାଯିବ ବୋଲି କହିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଏଥିପାଇଁ ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଟୋକନ ଲାପ୍ସ କଲେ ଚାଷୀଙ୍କୁ ଦିଆଯିବ ଅଧିକ ୧୫ ଦିନ ମହଲତ। ଓଦା ଧାନ ଶୁଖେଇ ମଣ୍ଡିରେ ବିକ୍ରି ପାଇଁ ଅଧିକ ସମୟ ଦିଆଯିବ।ଖାଦ୍ୟ ଯୋଗାଣ ମନ୍ତ୍ରୀ କହିଛନ୍ତି ଯେ ପାଗ ଖରାପ ଯୋଗୁଁ କିଛି ମଣ୍ଡି ଖୋଲିବାରେ ବିଳମ୍ବ ହେଉଛି। କିନ୍ତୁ ବର୍ଷା ପାଇଁ ଆଗୁଆ ମଣ୍ଡି ଖୋଲିବନି।

## ମିଲିଟାରୀ ଅଞ୍ଚଳରୁ ମିଳିଲା ନିଖୋଜ ନାବାଳିକାଙ୍କ ମୃତଦେହ, ପରିବାର ଲୋକ ଆଣିଲେ ଦୁଷ୍କର୍ମ ଅଭିଯୋଗ

ଭୁବନେଶ୍ୱର,୨୪।୧୨(ପି.ଏନ): ରାଜଧାନୀରେ ଚାଞ୍ଚଲ୍ୟ। ଦିଲ୍ଲୀର ଶଙ୍କର ବିହାର ମିଲିଟାରୀ ଅଞ୍ଚଳରୁ ମିଳିଛି ନିଖୋଜ ଥିବା ୮ ବର୍ଷ ଝିଅର ମୃତଦେହ। ତାଙ୍କୁ କେହି ହତ୍ୟା କରି ଏଠାରେ ଫିଙ୍ଗି ଦେଇଥିବା ଜଣାପଡିଛି।ଗତକାଲି ସନ୍ଧ୍ୟାରୁ ନାବାଳିକା ଜଣଙ୍କ ନିଖୋଜ ରହିଥିଲେ। ବାପା ମା’ ରାତି ତମାମ ନିଖୋଜ ଝିଅକୁ ଖୋଜିଥିଲେ ହେଁ କୌଣସି ପ୍ରକାରର ସୁଫଳ ପାଇ ନଥିଲେ। ଏଥିପାଇଁ ସେମାନେ ପୁଲିସ୍‌ରେ ଅଭିଯୋଗ ମଧ୍ୟ କରିଥିଲେ। ପୁଲିସ୍ ସର୍ଚ୍ଚ ଅପରେସନ କରିଥିଲେ ହେଁ ରାତିରେ ନିଖୋଜ ନାବାଳିକାଙ୍କ କୌଣସି ପତ୍ତା ପାଇ ନଥିଲା।






୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Wednesday December 25 ଭୁବନେଶ୍ୱର ବୁଧବାର, ଡିସେମ୍ବର ୨୫,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

## ଡ. ଭିମରାଓ ଆମ୍ବେଦକରଙ୍କ ପ୍ରତି ଅସମ୍ମାନ ଜନକ ମନ୍ତବ୍ୟ ଦେଇଥିବାରୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଇସ୍ତଫା ଦାବିରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ବିଶାଳ ଗଣଧାରଣା



ଭୁବନେଶ୍ୱର,(ପି.ଏନ): ଗତ ତା. ୧୭/୧୨/୨୦ ୨୪ ରିଖରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଡଃ ଭିମ ରାଓ ଆମ୍ବେଦକରଙ୍କ ପ୍ରତି ଅସମ୍ମାନଜନକ ମନ୍ତବ୍ୟ ଦେଇଥିବାରୁ କଂଗ୍ରେସ ଏହାର ଦୃଢ଼ ନିନ୍ଦା କରିବା ସହିତ କ୍ଷୋଭ ପ୍ରକାଶ କରିଛି । ଅଖିଳ ଭାରତ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା ସଭାପତି ଶ୍ରୀ ବିଶ୍ୱଜିତ୍ ଦାଶ ଙ୍କ ନେତୃତ୍ୱରେ ଏଜି ଛକ ଠାରେ ଥିବା ଡ଼ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଏକ ବିଶାଳ ଶୋଭାଯାତ୍ରା ଏଡିଏମ୍ ଙ୍କ କାର୍ଯ୍ୟାଳୟ ସମ୍ମୁଖ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ବିଶାଳ ଗଣଧାରଣା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କଂଗ୍ରେସ ନେତୃବୃନ୍ଦ ସମ୍ବିଧାନ ପ୍ରଣେତା ଡଃ ଆମ୍ବେଦରଙ୍କର ଦେଶ ପ୍ରତି ଥିବା ତ୍ୟାଗ ଓ ବଳିଦାନକୁ ସ୍ଲୋଗାନ ମାଧ୍ୟମରେ ଏବଂ ନିଜ ଅଭିଭାଷଣ ରେ ପ୍ରଦାନ କରି ଏଭଳି ଅଶାଳିନ ମନ୍ତବ୍ୟ ଦେଇ ଘୃଣ୍ୟ କର୍ମ କରିଥିବା ଗୃହମନ୍ତ୍ରୀ ଅମିତ ଶାହାଙ୍କର ଇସ୍ତଫା ଦାବି କରିଥିଲେ। ସେହିପରି ଦିଲ୍ଲୀରେ ଡକ୍ଟର ଆମ୍ବେଦକରଙ୍କ ପ୍ରତିମୁର୍ତି ତଳେ କଂଗ୍ରେସ ସଭାପତି ତଥା ରାଜ୍ୟସଭା ବିରୋଧ ଦଳର ନେତା ଶ୍ରୀଯୁକ୍ତ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଉପରେ କେତେକ ବିଜେପି ସାଂସଦଙ୍କ ଆକ୍ରମଣ ଏବଂ ଲୋକସଭାର ବିରୋଧି ଦଳର ନେତା ରାହୁଲ ଗାନ୍ଧୀଙ୍କୁ ପ୍ରବେଶ ପଥରେ ବିଜେପି ସାଂସଦ ମାନଙ୍କ ପ୍ରତିରୋଧ ଘଟଣାକୁ କଂଗ୍ରେସ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଥିଲା । ଏହି ଅବସରରେ ଜିଲ୍ଲା ସଭାପତି ଶ୍ରୀ ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏଡିଏମ୍ ଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ ଆଜିର କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ବିଧାୟକ ମହମ୍ମଦ ମୁକିମ ,ରାମଚନ୍ଦ୍ର ଖୁଣ୍ଟିଆ, ଜଗନ୍ନାଥ ପଟ୍ଟନାୟକ, ମନୋରଞ୍ଜନ ଦାସ, କିଶୋର ଜେନା,ୟାସିର ନୱାଜ୍, ବାଙ୍କନିଧି ବେହେରା,ଜାନକୀ ବଲ୍ଲଭ ପଟ୍ଟନାୟକ,ସୁବ୍ରତ ମହାପାତ୍ର, ଦୀପକ କୁମାର ମହାପାତ୍ର,ସୁବ୍ରତ,ଚିନ୍ମୟ ବେଉରା,ଆଲୋକ ମହାନ୍ତି ରଞ୍ଜିତ ପାତ୍ର,ଉଦିତ ପ୍ରଧାନ, ରାଜକିଶୋର ବାରିକ,ଅଶୋକ ଦାଶ,ଲଲାଟେନ୍ଦୁ ଦାଶ,ଆଶିଷ ମଲ୍ଲିକ,ସମ୍ଭୁ ପାଣିଗ୍ରାହୀ, ମନୋରଞ୍ଜନ ରାଉତରାୟ, ମନୋରଞ୍ଜନ ରାଉତ,ମନୋରଞ୍ଜନ ଜେନା, ତରୁଣ ମିଶ୍ର, ମାନସ ଆଚାର୍ଯ୍ୟ, ରଜନୀ ମହାନ୍ତି,ଚିନ୍ମୟ ଦାସ, ଶ୍ରୀନିବାସ ରାଉତରାୟ ,ଦେବୀ ପ୍ରସାଦ ବାହାଲିଆ, ମନୋରଞ୍ଜନ ରାଉତରାୟ, ମିହିର ଆଚାର୍ଯ୍ୟ, ତାପସ ସେଠୀ, ମଣ୍ଟୁ ମଲ୍ଲିକ , ପ୍ରଭାତ ପ୍ରତାପ ସିଂ, ବ୍ରହ୍ମାନନ୍ଦ ସାହୁ,ସତ୍ୟ ରଞ୍ଜନ ନାୟକ, ପ୍ରଶାନ୍ତ ଚମ୍ପତି,ସନ୍ତୋଷ ଜେନା,ସିଦ୍ଧାର୍ଥ ରାଉତରାୟ,ଲିଙ୍ଗରାଜ ସାହୁ,ସଙ୍ଗୁନା କହଁର,ମୋହନ ଜେନା, ଜ୍ୟୋତି ମହାନ୍ତି,ଜୟକୃଷ୍ଣ ମଲିଆ, ପ୍ରସନ୍ନ ନାୟକ,ନଜିବୁର ହୁସେନ ଖାନ୍,ପ୍ରତାପ ପ୍ରଧାନ,ସୁବାସ ଜେନା, ସଞ୍ଜୟ ରାୟ,ନଳିନୀ କାନ୍ତ ନାୟକ, ଦେଓ ପ୍ରସାଦ,ସଂଦିପ ସାମଲ, ଲୁଲୁ ଅହମ୍ମଦ,ସ୍ୱନ୍ଦନ ସ୍ୱାଇଁ,ଦେବାଶିଷ ମହାପାତ୍ର, ବଇଲୋଚନ ସାହୁ, ସେଖ ତାକୁଇନ,ମହମ୍ମଦ ଶାହାଦୂଲ୍ଲା,ପବିତ୍ର ଦାଶ,ଅନିଲ ଦାଶ, ପ୍ରଣତି ମିଶ୍ର,ଗୀତାଞ୍ଜଳି ମହାନ୍ତି,ମଧୁସ୍ମିତା ଆଚାର୍ଯ୍ୟ,କୁସୁମ ପ୍ରଧାନ,ପ୍ରାଚୀ ରାଉତରାୟ,ନିରୁପମା ପାତ୍ର,ମନିଷା ପଟ୍ଟନାୟକ,ସ୍ନେହପ୍ରଭା ଜେନା,ଜୟଶ୍ରୀ ପାତ୍ର,ମାମିନା ବେହେରା ପ୍ରମୁଖ ବହୁ ଛାତ୍ର,ଯୁବ,ମହିଳା କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ ।

## ଶଙ୍କରାଚାର୍ଯ୍ୟଙ୍କର କାର୍ଯ୍ୟକ୍ରମ ସ୍ଥଳରେ ଯଜ୍ଞ ଓ ସୁଧୀକାରଣ

ତାଳଚେର, (ପି.ଏନ): ଜଗତ ଗୁରୁ ଶଙ୍କରାଚାର୍ଯ୍ୟ ଙ୍କର ଆସଂ। ଜାନୁଆରୀ ଏକ ତାରିଖ ରେ ତାଳଚେର ଆଗମନ କାର୍ଯ୍ୟକ୍ରମ ରହିଛି ।ଦେଉଳବେଡା ଦୁର୍ଗା ମଣ୍ଡପ ପଡିଆ ରେ ଜାନୁଆରୀ ଏକ ତାରିଖ ଦିନ ତିନିଟା ରେ ଏକ ବିଶାଳ ହିନ୍ଦୁରାଷ୍ଟ ମହାଧିବେଶନ ରେ ଦିବ୍ୟ ସନ୍ଦେଶ ପ୍ରଦାନ କରିବେ ଜଗତ ଗୁରୁ ଶଙ୍କରାଚାର୍ଯ୍ୟ ପୂଜ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାଭାଗ ।ସେହି ହିନ୍ଦୁରାଷ୍ଟ ମହାଧିବେଶନ ସ୍ଥାନ ଦେଉଳବେଡା ଦୁର୍ଗାମଣ୍ଡପ ପଡିଆଠାରେ ଆଜି ମଙ୍ଗଳବାର ଏକ ଯଜ୍ଞ ର ଆୟୋଜନ କରାଯାଇ ସେହି ସ୍ଥାନକୁ ସୁଧୀକରଣ କରାଯାଇଛି ।ପୁରୀ ରୁ ଆସିଥିବା ପଣ୍ଡିତ ମାନେ ସାମୁହିକ ଭାବେ ପୂଜାର୍ଚ୍ଚନା କରିବା ସହ କର୍ତ୍ତା ଭାବେ ଜଗତ ଗୁରୁ ଶଙ୍କରାଚାର୍ଯ୍ୟ ଙ୍କର ସେବା ସଚିବ ବରୁଣ କୁମାର ସାହୁ ସପତ୍ନୀକ ଯୋଗ ଦେଇ ଯଜ୍ଞ ରେ ବସିଥିଲେ ।ଏକ ଯଜ୍ଞ ସହ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମ କୁ ଶ୍ରୀ ଶଙ୍କରାଚାର୍ଯ୍ୟ ସ୍ୱାଗତ ସମିତି ର ସଂଯୋଜକ ପର୍ଶୁରାମ ବାରିକ ସଂଯୋଜନା କରିଥିଲେ ।ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ, ପୀଠ ପରିଷଦ ତଥା ସ୍ୱାଗତ ସମିତି ର ସମସ୍ତ ସଦସ୍ୟ ଓ ସଦସ୍ୟା ଏବଂ ସମସ୍ତ ଶ୍ରଦ୍ଧାଳୁ ମାନେ ଯୋଗ ଦେଇଥିଲେ। ଆଦିତ୍ୟ ବାହିନୀ ର ସଭାପତି ବୃନ୍ଦାବନ ବେହେରା, ତାପସ ସାହୁ, ମିଲୁ ସାହୁ, ଜ୍ୟୋତିର୍ମୟ ରଥ କାଳନ୍ଦୀ ପ୍ରଧାନ ଇଲୁ ସାହୁ ପ୍ରମୁଖ ସଦସ୍ୟ ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।ଶେଷରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ବାର୍ତ୍ତା



ପବିତ୍ର ବଡ଼ଦିନ ଉପଲକ୍ଷେ ଜଗତସିଂହପୁର ଅଞ୍ଚଳର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନ କରୁଛି।

**ମଧୁସୁଦନ ସାହୁ**
**ପୂର୍ବତନ ନଗରପଳ ଜଗତସିଂହପୁର**

## ପାରାଦୀପ ଡିଏଭି ପବ୍ଲିକ୍ ସ୍କୁଲ ପରିସରରେ ବାର୍ଷିକ ପ୍ରଦର୍ଶନୀ ମେଳା ଏବଂ ରକ୍ତଦାନ ଶିବିର



ପାରାଦୀପ,(ପି.ଏନ): ପାରାଦୀପ ପୋର୍ଟ ଡିଏଭି ସ୍କୁଲ ପରିସରେ ମଙ୍ଗଳବାର ଦିନ ବାର୍ଷିକ ପ୍ରଦର୍ଶନୀ ମେଳା(ଜ୍ଞାନସ୍ରୋତ) ଏବଂ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ପ୍ରଦର୍ଶନୀ ମେଳାକୁ କଟକ ସେଣ୍ଟ୍ରାଲ ରେଡକ୍ରସ୍ ବ୍ୟାଙ୍କର ମେଡିକାଲ ଅଫିସର ଡା. କିଶୋର ଚନ୍ଦ୍ର ବେହେରା ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଇଫକୋ ଡିଏଭି ସ୍କୁଲର ଅଧ୍ୟକ୍ଷ ସମ୍ମିତ ସୁକୁମାର ଚିନାରା, ପିପିଏଲ୍ ଡିଏଭି ସ୍କୁଲର ଅଧ୍ୟକ୍ଷ ସଂଜୀବ କୁମାର ସାହୁ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବିଦ୍ୟାଳୟର ଅଧ୍ୟକ୍ଷା ବିନ୍ଦୁଶ୍ରୀ ମହାନ୍ତି । ଛାତ୍ରଛାତ୍ରୀମାନେ ଗଣିତ, ବିଜ୍ଞାନ, ସାଜିକ ବିଜ୍ଞାନ, ସଂସ୍କୃତ, କମ୍ପ୍ୟୁଟର ଆଦି ବିଭିନ୍ନ ବିଭାଗରେ ୨୫୦ରୁ ଉର୍ଦ୍ଧ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ । ଏହି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ଅଭିବାବକ, ଶିକ୍ଷକ, ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଶେଷରେ ହୃଷିକେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଅଭିବାବକ, ଶିକ୍ଷକ, ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ଭାବର ଅଭାବରେ ଭାଷାର ଦୁର୍ବଳତା ଆସିଥାଏ



ଖୋର୍ଦ୍ଧା,(ପି.ଏନ): ଭାବର ଓ ଭାଷାର ବିନୀମୟରେ ସାହିତ୍ୟ ସୁଦୃଢ ହେବାସହ ସମସ୍ତଙ୍କର ହିତ ସାଧନ କରିଥାଏ ବୋଲି ଆଜି ସ୍ଥାନୀୟ ଗୀତା ଭବନ ପରିସରରେ 'ଖୋର୍ଦ୍ଧା ସମ୍ବାଦ ସାହିତ୍ୟ ଘରର' ନବମ ବାର୍ଷିକ ସାମ୍ବତ୍ସରିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ବାଦ ସାହିତ୍ୟ ଘରର ପ୍ରାଣ ପ୍ରତିଷ୍ଠାତା ବିଶିଷ୍ଟ ସାହିତ୍ୟିକ ତଥା ଆମ ଓଡିଶାର ଜନକ, ସମ୍ବାଦର ପ୍ରାକ୍ତନ ସଂପାଦକ ତଥା ବରିଷ୍ଠ ରାଜନେତା ସୌମ୍ୟରଂଜନ ପଟ୍ଟନାୟକ ନିଜ ବକ୍ତବ୍ୟରେ କହିଥିଲେ , ଯାହା ଏ ପର୍ଯ୍ୟନ୍ତ ସମ୍ଭବ ହୋଇ ପାରିନି । ଯେଉଁଥିପାଇଁ ଆଜି ସମସ୍ତଙ୍କର ସହଯୋଗ ତଥା ଆନ୍ତରିକତା ଲୋଡା। ଆଜି ସମାଜରେ ନାଗରିକ ମାନଙ୍କର ଅଙ୍କୁଶ କମି କମି ଯାଉଛି। ଆଜି ଆମ ମାନଙ୍କର ଭୀକ ମାଗିବା ଏକ ଅଭ୍ୟାସରେ ପରିଣତ ହୋଇଛି। ଆଜି ଆମେ ନିଜର ସ୍ୱାଭିମାନକୁ ହରାଇ ବସିଛେ। ଆଜି ସମଗ୍ର ଓଡିଶାରେ ସମ୍ବାଦ ସାହିତ୍ୟ ଘର ତାର ୩୭୦ଟି ଶାଖା ଖୋଲିବା ସହ ସାହିତ୍ୟର ବୃଦ୍ଧି ପାଇଁ ଅହରହ ଉଦ୍ୟମ ଜାରି ରଖିଛି। ବର୍ତ୍ତମାନ ୪୦ ହଜାରରୁ ଅଧିକ ସଭ୍ୟ ଏହି ମହାନ କାର୍ଯ୍ୟରେ ନିଜକୁ ସାମିଲ କରି ସାହିତ୍ୟର କଳେବର ବୃଦ୍ଧି କରିବା ସହ ୬୦ ହଜାର ରୁ ଉର୍ଦ୍ଧ ଯୁବକ ରକ୍ତ ଦାନ ମହା ପୁଣ୍ୟ ରେ ନିଜକୁ ସାମିଲ କରି ଏହି ପ୍ରକ୍ରିୟା ୨୦୦୬ ରୁ ଆରମ୍ଭ ହୋଇ ଏକ ମହାନ ଦୃମରେ ପରିଣତ ହୋଇ ପାରିଛି। ୬୦ ବର୍ଷରୁ ୮୦ ବର୍ଷ ବର୍ଷିୟାନ ବ୍ୟକ୍ତିଙ୍କ ପାଇଁ ଟି-୨୦ କ୍ରିକେଟ ଭଳି ଅଳ୍ପ ବଲରେ ଅଧିକ ରନ ହାସଲ କରିବା ପରି ଏହି ସମର୍ଥ ବ୍ୟକ୍ତି ମାନେ ତାଙ୍କର ଏହି ୨୦ ବର୍ଷର ଅବଧିରେ ସାହିତ୍ୟର କଳେବର ବୃଦ୍ଧି କରିବାରେ ଯୁବପିଢୀ ମାନଙ୍କର ମାର୍ଗଦର୍ଶନ ସାଜିପାରିଲେ ସାହିତ୍ୟ, ଭାଷା, ଭାବ ନିଶ୍ଚୟ ସୁଦୃଢ ହେବ। ସମ୍ବାଦ ସାହିତ୍ୟ ଘରର ସଭାପତି ଐତିହାସିକ ସତ୍ୟବାଦୀ ବଳିୟାର ସିଂହ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସମ୍ବାଦ ସାହିତ୍ୟ ଘରର ସଂଯୋଜିକା ଡକ୍ଟର ଶୁଭଶ୍ରୀ ଲେଙ୍କା ସାହିତ୍ୟ ତଥା ସାହିତ୍ୟ ଘରର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକ ପାତ କରିଥିଲେ. ସମ୍ମାନିତ ଅତିଥି ଭାବେ ଡ. ଶରଚ୍ଚନ୍ଦ୍ର ମହାପାତ୍ର, ପ୍ରାକ୍ତନ ଅଧ୍ୟକ୍ଷ ପୁରୀ ମହିଳା ମହାବିଦ୍ୟାଳୟ, ମନୋରଂଜନ ଦାସ ପ୍ରାକ୍ତନ ପ୍ରାଧ୍ୟାପକ ଢେଙ୍କାନାଳ ସରକାରୀ ମହାବିଦ୍ୟାଳୟ, ଉମାଶଙ୍କର ପ୍ରସାଦ ବରିଷ୍ଠ ସ୍ତମ୍ଭକାର ତଥା ସଂପାଦକ ମାର୍ଗଦର୍ଶୀ ଯୋଗ ଦେଇ କହିଥିଲେ ବାସ୍ତବ ଜୀବନର ସୁଖ, ଦୁଃଖ, ଆନନ୍ଦ ବିଷାଦ ମାର୍ମିକ ଚିତ୍ର ଅତ୍ୟନ୍ତ କଳାତ୍ମକ ଭାବରେ ସାହିତ୍ୟରେ ଚିତ୍ରିତ ହୋଇଥାଏ। ସେଥିପାଇଁ ସାହିତ୍ୟକୁ ଜୀବନ ତଥା ସମାଜର ମୁକୁର ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ସାହିତ୍ୟ ହେଉଛି ଯେ କୌଣସି ଦେଶ ତଥା ଯାତିର ସଂସ୍କୃତିର ପରିଚାୟକ। ପ୍ରାରମ୍ଭରେ ମଂଚାସୀନ ଅତିଥି ମାନେ ଜଗନ୍ନାଥ ଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ପ୍ରଦାନ ସହ ପ୍ରଦୀପ ପ୍ରଜ୍ୱଳନ କରି ଥିଲେ। ଅତିଥି ପରିଚୟ ସମାଜ ସେବୀ ତଥା ନିଶାନିବାରଣର ଉଦ୍ୟୋକ୍ତା ରାମଶଙ୍କର ରାମ ଦେଇଥିଲା ବେଳେ ସାହିତ୍ୟ ଘରର ସମ୍ପାଦକ ଗୋବିନ୍ଦ ମହାରାଣା ସଂପାଦକୀୟ ପାଠକରିଥିଲେ । ଅତିଥି ମାନଙ୍କ ଦ୍ୱାରା ସମ୍ବାଦ ଘରର ବାର୍ଷିକ ମୁକପତ୍ର 'ପ୍ରୟାସ' ଓ ନୂତନ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା। ଏହି ସମାରୋହରେ ବିଭିନ୍ନ କବି, ଲେଖକ ମାନଙ୍କ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷାବୀତ ଭୀମସେନ ପ୍ରଧାନ, ଅଧିବକ୍ତା ଶିବ ସୁନ୍ଦର ପଟ୍ଟନାୟକ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ଆଦିନାରାୟଣ ଖଣ୍ଡୁଆଳ,ଶ୍ରୀମତୀ ଇତିଶ୍ରୀ ସାହୁ ନିଜ ନଜର ବକ୍ତବ୍ୟ ରଖିଥିଲେ। ପ୍ରଥମ ଅଧିବେଶନରେ କବିତା ପାଠ ଉତ୍ସବରେ ଡ. ପ୍ରଫୁଲ ସାମନ୍ତାରାୟ ସଭାପତିତ୍ୱ କରିଥିଲେ ବିଭିନ୍ନ ଅଂଚଳରୁ ପ୍ରାୟ ଶତାଧିକ କବି ଓ କବୟତ୍ରୀ ଭାଗ ନେଇ ନିଜ ନଜର କବିତା ଆବୃତି କରିଥିଲେ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM



MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray